# ଓଡ଼ିଆ – ୨୩୩

# Odia (233)

## ଶିକ୍ଷକ ଅଙ୍କିତ ମୂଲ୍ୟାଙ୍କନ ପତ୍ର (୨୦୨୩-୨୪)

## Tutor Marked Assignment (2023-24)

ପୂ. ସଂ = ୨୦

ଟିପପଣୀ: (କ) ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦେବା ବାଧ୍ୟତା ମୂଳକ । ପ୍ରତ୍ୟେକ ପ୍ରଶ୍ନର ନିର୍ଦ୍ଧାରିତ ମୂଲ୍ୟଙ୍କ ପ୍ରଶ୍ନର ଡାହାଣ ପାର୍ଶ୍ୱରେ ସୂଚିତ ଅଛି ।

(ଖ) ଉତ୍ତର ପୁସ୍ତିକାର ୧ମ ପୃଷ୍ଠାର ଉପର ଅଂଶରେ ନିଜନାମ, ଅନୁକ୍ରମାଙ୍କ, ଅଧ୍ୟୟନ କେନ୍ଦ୍ରର ନାମ ଓ ବିଷୟ – ସ୍ପଷ୍ଟ ଭାବରେ ଲେଖ ।

**ପ୍ରଶ୍ନ – ୧** ନିମ୍ନଲିଖିତ ପ୍ରଶ୍ନମାନଙ୍କ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ପ୍ରାୟ ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨ x ୧)

(କ) ଶିକ୍ଷିତ ଯୁବକଟିଏ ପରିସ୍ଥିତିର ତାଡ଼ନାରେ ଭୋକ ପାଇଁ ଅନ୍ୟ ନିକଟରେ ହାତ ପାତିଲା ବେଳେ ତା ବିବେକ ତାକୁ କିପରି ଦଂଶନ କରେ ଲେଖ । (ପାଠ – ୮)

(ଖ) ଅନେକ ଦେଶଭକ୍ତଙ୍କ ଆତ୍ମବଳିରେ ଇଂରେଜ କବଳରୁ ଆମଦେଶ ମୁକ୍ତ ହୋଇଥିଲା । ସେହି ଅମର ଶହୀଦ ମାନଙ୍କ ମଧ୍ୟରୁ ତୁମେ ଜାଣିଥିବା ଶହୀଦଙ୍କ ସମ୍ପର୍କରେ ଲେଖ । (ପାଠ – ୭)

**ପ୍ରଶ୍ନ – ୨** ଯେ କୌଣସି ଗୋଟିଏ ପ୍ରଶ୍ନର ଉତ୍ତର ପ୍ରାୟ ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨ x ୧)

(କ) ନିଜ ସ୍ତ୍ରୀଠାରୁ ବା ସ୍ୱାମୀଠାରୁ ପର ସ୍ତ୍ରୀ ବା ସ୍ୱାମୀ ସୁନ୍ଦର, କର୍ମଠ ଓ ପାରଙ୍ଗମ ବୋଲି ମନେକରୁଥିବା ସ୍ୱାମୀ ଓ ସ୍ତ୍ରୀ ମାନେ ହିଁ ଦୁଃଖ ପାଆନ୍ତି । ସତ୍ୟତା ବିଚାରକର । (ପାଠ – ୨୬)

(ଖ) ସତରେ କଣ ଚିଲିକାର ଶୋଭା ଅବର୍ଣ୍ଣନୀୟ? ବର୍ଣ୍ଣନା କର । (ପାଠ – ୧୦)

**ପ୍ରଶ୍ନ – ୩** ଯେ କୌଣସି ଗୋଟିଏ ପ୍ରଶ୍ନର ଉତ୍ତର ପ୍ରାୟ ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨ x ୧)

(କ) ନିଜଦୁଃଖ ଜଣାଇଲା ବେଳେ ସମ୍ପର୍କର ନିବିଡ଼ତା ହେତୁ ଭକ୍ତଟିଏ ଭଗବାନଙ୍କ ଉପରେ ଅଭିମାନ କରିପାରେ, ଗାଳି ବି ଦେଇପାରେ – ଜାଣିଥିବା ଏଭଳି କୌଣସି ଘଟଣା ବର୍ଣ୍ଣନା କର । (ପାଠ – ୧୭)

(ଖ) ଧର୍ମ-ଅଧର୍ମ ଓ ପାପ-ପୁଣ୍ୟର ବିଚାର ଶକ୍ତି ନଥିଲେ ଜଣକୁ ମଣିଷ ବୋଲି କହିପାରିବା କି? - ସଂକ୍ଷେପରେ ମନ୍ତବ୍ୟ ଦିଅ । (ପାଠ – ୨୪)

**ପ୍ରଶ୍ନ – ୪** ଯେ କୌଣସି ଗୋଟିଏ ପ୍ରଶ୍ନର ଉତ୍ତର ପ୍ରାୟ ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪ x ୧)

(କ) ନାରୀଟିଏ ଶିକ୍ଷିତ ହେଲେ ପରିବାର ଓ ସମାଜ ହୁଏ ମାର୍ଜିତ, ସଂସ୍କାରିତ ଓ ସୁଶୋଭିତ । ଏହି ଉପଲକ୍ଷେ ଏକ କାହାଣୀ ଅବତାରଣା କର । (ପାଠ – ୧୮)

(ଖ) ଯୁଧିଷ୍ଠିରଙ୍କୁ ଧର୍ମରାଜ ବା ଧର୍ମନନ୍ଦନ କୁହାଯିବା କାହିଁକି ଯଥାର୍ଥ – ଆଲୋଚନା କର । (ପାଠ – ୨୪)

**ପ୍ରଶ୍ନ – ୫** ଯେ କୌଣସି ଗୋଟିଏ ପ୍ରଶ୍ନର ଉତ୍ତର ପ୍ରାୟ ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪ x ୧)

(କ) ନର ଜୀବନେ କି ଫଳ କହୁ ବିଶ୍ୱସେବା ଯେବେଟି ନାହିଁ,

ବଂଚିବାର ଗୌରବ କି ମାଟିରେ ଖାଲି ମିଶିବା ପାଇଁ । - ଭାବ ସମ୍ପ୍ରସାରଣ କର । (ପାଠ – ୩)

(ଖ) ପରିବାର ଓ ପରିବେଶର ପ୍ରଭାବ ବ୍ୟକ୍ତିର ବ୍ୟକ୍ତିତ୍ୱ ଗଠନକୁ ପ୍ରଭାବିତ କରିଥାଏ କି? ଏ ସମ୍ପର୍କରେ ନିଜସ୍ୱ ମତ ପ୍ରକାଶ କର । (ପାଠ – ୪)

**ପ୍ରଶ୍ନ – ୬** ଯେ କୌଣସି ଗୋଟିଏ ପ୍ରକଳ୍ପ ଅନୂନ୍ୟ ୫୦୦ ଶବ୍ଦ ମଧ୍ୟରେ ପ୍ରସ୍ତୁତ କର । (୬ x ୧)

(କ) ରେଳଯାତ୍ରା ସମୟରେ ବିଭିନ୍ନ ପ୍ରକାରର ବ୍ୟକ୍ତି ଓ ଦୃଶ୍ୟ ଦେଖିହୁଏ । ସେ ମଧ୍ୟରୁ ହୃଦୟକୁ ଛୁଇଁଥିବା ଘଟଣାର ଅବତାରଣା କରି ଏକ ପ୍ରକଳ୍ପ ଲେଖ । (ପାଠ – ୧୨)

(ଖ) ଧର୍ମ ନାମରେ ଅଧର୍ମର ରାଜୁତି ସମାଜକୁ ପତନମୁଖୀ କରାଉଛି – ପୁରାଣର ଉଦାହରଣ ସହ ଏକ ପ୍ରକଳ୍ପ ପ୍ରସ୍ତୁତ କର । (ପାଠ – ୨୩)